## ବାଣିଦାରେ ପାଇପ୍ ପାଣି ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ

ଜଳେଶ୍ୱର,(ଡି.ଏନ.ଏ.)-ଜଳେଶ୍ୱର ବ୍ଲକର ଅନ୍ୟ ଏକ ବୃହତ୍ ଗ୍ରାମ ବାଣିଦାଠାରେ ଶନିବାର ଏକ ପାନୀୟଜଳ ପ୍ରକଳ୍ପକୁ ସରପଞ୍ଚ ଜୟନ୍ତୀ ପରିଡା ଶୁଭାରମ୍ଭ କରିଛନ୍ତି । ବହୁଦିନରୁ ଦାବି ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟମୁଖ୍ୟ ଭାଗବତ ମହାନ୍ତି, ଧନଞ୍ଜୟ ମହାପାତ୍ର ଓ ରାମଚନ୍ଦ୍ର ଦଳାଇ ଉପସ୍ଥିତ ଥିଲେ । ପୂର୍ବତନ ବ୍ଲକ ଅଧକ୍ଷ ଅଭିଜିତ୍ ପ୍ରଧାନ, ସମିତି ସଦସ୍ୟ ସଞ୍ଜୟ ମହାନ୍ତି, ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ରହି ବାଣିଦା ଗ୍ରାମରେ ବିଶୁଦ୍ଧ ପିଇବାପାଣି ସଂକଟ ଦୂର ହେବାକୁ ଯାଉଥିବା କହିଥିଲେ ।

## ସଂକ୍ଷେପରେ

### ବିଶ୍ୱ ସଂସ୍କୃତ ଦିବସ ପାଳିତ

ଲଙ୍ଗଳେଶ୍ୱର, ୨୭।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ କମାରଗଡ଼ିଆ ଗ୍ରାମରେ ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ପ୍ରଚାରକ ଦୁଲାଲ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଶୀତଳା ଦେବୀଙ୍କଠାରେ ପୂଜାର୍ଚ୍ଚନା ସାରି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବାଲିଆପାଟି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସଂସ୍କୃତରେ ବିଭିନ୍ନ ନାରାବାଜି ଏବଂ ଗୀତ ଗାନ କରି ମନ୍ଦିର ନିକଟରେ ପହଞ୍ଚି ସମବେତ ଜଗନ୍ନାଥ ଷ୍ଟକମ୍ ଗାନ କରିଥିଲେ। ଏହି ଅବସରରେ ସଂସ୍କୃତର ମହତ୍ତ୍ୱ ବିଷୟରେ ପଥପ୍ରାନ୍ତ ଲୋକମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜୟନ୍ତ ମିଶ୍ର, ସଂଗ୍ରାମ ମିଶ୍ର, ସତ୍ୟରଞ୍ଜନ ମିଶ୍ର, ସପନ ମିଶ୍ର, ମିନାଲ ମିଶ୍ର, ସନାତନ ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର, ପ୍ରଦୀପ ମିଶ୍ର, କାଳୀପଦ ମିଶ୍ର, ଲକ୍ଷ୍ମଣ ମିଶ୍ର, ପଞ୍ଚାନନ ଚକ୍ରବର୍ତ୍ତୀ, ମାନସ ଚକ୍ରବର୍ତ୍ତୀ, ରାଜୀବଲୋଚନ ପଣ୍ଡା, ଅପୁ ମିଶ୍ର, ଉତ୍ତମ ମିଶ୍ର ଓ ବୁଦ୍ଧଦେବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ଶୃଙ୍ଖଳା ପାଠଚକ୍ର

ବାଙ୍ଗିରିପୋଷି,୨୭।୮(ଡି.ଏନ.ଏ.): ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର +୩ ଶିକ୍ଷା ବିଭାଗ ରାଜନୀତି ବିଜ୍ଞାନ ସହ ସମ୍ବନ୍ଧିତ ଶୃଙ୍ଖଳା ପାଠ୍ୟଚକ୍ର ଅଧକ୍ଷା ଡ. ପୁଷ୍ପା ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ପାଠ୍ୟଚକ୍ରଟି 'ଜଗତୀକରଣ ଓ ଶିକ୍ଷା'ଉପରେ ପର୍ଯ୍ୟବେଶିତ ଥିଲା। ବିଭାଗୀୟ ମୁଖ୍ୟ ଡ. ପାତ୍ର ଜଗତୀକରଣ ଓ ଶିକ୍ଷା ଉପରେ ଏହାର ପ୍ରଭାବ ସମ୍ପର୍କରେ ଉଦ୍ଦେଶ୍ୟ ସ୍ପଷ୍ଟୀକରଣ କରିଥିଲେ। ଅର୍ଥନୀତି ବିଭାଗର ପ୍ରାଧାପକ ହରିହର ଶଙ୍ଖୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗର ପ୍ରାଧାପକ ସତ୍ୟ ନାରାୟଣ ସାମଲ, ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧାପକ ରତିକାନ୍ତ ବେହେରା ଯୋଗ ଦେଇଥିଲେ। +୩ ପ୍ରଥମ ବର୍ଷର ଛାତ୍ରୀ ବର୍ଷା ବେହେରା, ଭୀମ ମାର୍ଣ୍ଡି, ସୀମା ସେଠୀ ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ଶିକ୍ଷା ବିଭାଗର ଅଧାପିକା ହିରଣ୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିବ ମନ୍ଦିରରୁ ଚୋରି

ବେତନଟୀ, ୨୭।୮-ମୟୂରଭଞ୍ଜ ଜିଲା ୧୮ ନଂ. ଜାତୀୟ ରାଜପଥ ପାର୍ଶ୍ୱ ତାରାକୋଟି ଛକରେ ଥିବା ପଦ୍ମେଶରାୟ ଶିବ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ମନ୍ଦିର କବାଟ କାଟି ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ବେଳେ ଶନିବାର ବେତନଟୀ ପୋଲିସ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ମନ୍ଦିର ଗର୍ଭଗୃହରୁ ବିଶାଳ ତମ୍ବାନାଗ, ମୁଗୁନିପଥରରେ ନିର୍ମିତ ଚନ୍ଦ୍ରଶେଖରଙ୍କ ମୂର୍ତ୍ତି, ପିତଳ ପରାତ, ବଡ଼ ରୁପା ଟୁକୁଣା, ତମ୍ବା ପାତ୍ରୀ, ପିତଳ ଘଣ୍ଟି ୬ଟା, ଇନଭର୍ଟର, ବ୍ୟାଟେରି, ପିତଳରେ ନିର୍ମିତ ତ୍ରିଶୂଳ, ଧୂପ, ଦୀପ, ଆଳତି ଷ୍ଟାଣ୍ଡ, ମାନସିକଧାରୀମାନେ ଦେଇଥିବା ଛୋଟବଡ଼ ମିଶି ୩୦ରୁ ଉର୍ଦ୍ଧ୍ୱ ତମ୍ବା ନାଗ ଚୋରି କରି ନେଇଛନ୍ତି। ଶନିବାର ସକାଳେ ପୂଜକ ଗଗନ ନନ୍ଦ ଆସି ମନ୍ଦିର ଖୋଲିବା ବେଳକୁ ଚୋରି ହୋଇଥିବା ଜାଣିପାରି ସମସ୍ତଙ୍କୁ ଖବର ଦେଇଥିଲେ। ବେତନଟୀ ଥାନା ସବ୍ ଇନ୍ସପେକ୍ଟର ବଳରାମ ମହାରଣା ପହଞ୍ଚି ତଦନ୍ତ କରିଥିଲେ।

# ୧୬ ମଣ୍ଡପରୁ ମାଟି ସଂଗ୍ରହ ଆଜି

### ୭୫ ବର୍ଷରେ ଗାନ୍ଧୀପଡ଼ିଆ ଦୁର୍ଗାପୂଜା

ଭଦ୍ରକ ଅଫିସ,୨୭।୮

ଭଦ୍ରକ ଗାନ୍ଧୀପଡ଼ିଆ ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୭୫ବର୍ଷରେ ପଦାର୍ପଣ କରୁଛି। ୭୫ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ପାଇଁ କମିଟିପକ୍ଷରୁ ରବିବାର ମୁଠାଏ ମାଟିସଂଗ୍ରହ ଅଭିଯାନ କରାଯିବ। ସହରର ଅନ୍ୟ ୧୬ ସାର୍ବଜନୀନ ପୂଜା ମଣ୍ଡପରୁ ମାଟି ସଂଗ୍ରହ କରାଯାଇ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ଗଢ଼ାଯିବ ବୋଲି କମିଟି ପକ୍ଷରୁ ସ୍ଥିର କରାଯାଇଛି।

ସ୍ୱାଧୀନତା ପରେ ଭଦ୍ରକର ଭାଇଚାରାକୁ ସମୃଦ୍ଧ କରିବା ପାଇଁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଏଠାରେ ସାର୍ବଜନୀନ ଦୁର୍ଗାପୂଜାର ଚିନ୍ତନ କରିଥିଲେ। ସେତେବେଳେ ଭଦ୍ରକରେ ମହତାବଙ୍କ ଅନ୍ତରଙ୍ଗ ବନ୍ଧୁଙ୍କ ଭାଇ ଓଭରସିଅର କାମାକ୍ଷା ଚରଣ ଘୋଷ ୧୯୨୮ରୁ ନିଜ ଘରେ ଦୁର୍ଗାପୂଜା କରି ଆସୁଥିଲେ। ତାଙ୍କର ଏହି ଘରୋଇ ପୂଜାକୁ ସାର୍ବଜନୀନ କରିବା ନିମନ୍ତେ ମହତାବ ତାଙ୍କୁ ଅନୁରୋଧ କରିଥିଲେ। ସେ ତାଙ୍କ ଘରୋଇ ପୂଜାକୁ ସାର୍ବଜନୀନ ପାଇଁ ଟେକି ଦେବା ପରେ ୧୯୪୮ରେ ଭଦ୍ରକରେ ସାଳନ୍ଦୀ ନଦୀବନ୍ଧ ଶିମିଳି ଗଛ ମୂଳେ ଆରମ୍ଭ ହୋଇଥିଲା ପ୍ରଥମ ସାର୍ବଜନୀନ ଦୁର୍ଗାପୂଜା। ଗାନ୍ଧୀପଡ଼ିଆ, ନରିପୁର, ନୂଆବଜାର, ବଙ୍କସାହି, ଚନ୍ଦନ ବଜାର ଅଞ୍ଚଳର ଅଧିବାସୀମାନେ ସହଯୋଗ କରିଥିଲେ। ୧୯୫୭ରେ ନଦୀବନ୍ଧ କଡ଼ରୁ ଗାନ୍ଧୀପଡ଼ିଆ ମଣ୍ଡପକୁ ପୂଜା ସ୍ଥାନାନ୍ତର ହୋଇଥିଲା। ୧୯୬୦ରେ ସିମେଣ୍ଟର ପୂଜା ମଣ୍ଡପ ଆରମ୍ଭ ହୋଇ ୧୯୭୧ରେ ଛାତ ପଡ଼ିଥିଲା। ନୂଆବଜାର ବ୍ୟବସାୟୀ ଓ ସ୍ଥାନୀୟ ଅଧିବାସୀଙ୍କ ସମର୍ଥନ ଓ ସହଯୋଗରେ ଏହି ପୂଜା ୭୫ବର୍ଷରେ ପହଞ୍ଚି ପାରିଛି ବୋଲି କମିଟି ସଭାପତି ସୌମାଭ କୁମାର ଦେ ଓ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଗୁପ୍ତା କହିଛନ୍ତି। ଏହି ପୂଜାକୁ ଆରମ୍ଭ କରିଥିବା ଦୀନବନ୍ଧୁ ମିତ୍ର, ଡା. ନିହାର ଚନ୍ଦ୍ର ଘୋଷ, ସତୀଶ ଦେ, ବଳରାମ ସାହୁ, ରାମଚନ୍ଦ୍ର ସାହୁ, ପ୍ରାଣକୃଷ୍ଣ ବିଶ୍ୱାଳ, ମଦନଲାଲ ଶର୍ମା, ରଘୁନାଥ କର, ରାମଟାଲ ସିଂ, ମୁଲଚାନ୍ଦ ହୀରାଲାଲ, ଶେଖ୍ ସାଦତ ଅଲ୍ଲୀ, ମୁରଲୀ ମନୋହର ପ୍ରଭୁ ଦୟାଲ, ସୁବାସ ଦେ, ସାନନ୍ଦ ପ୍ରସାଦ ସାହୁ, ରାମେଶ୍ୱର ଲାଲ ଗୁପ୍ତାଙ୍କ ମଧ୍ୟରୁ ଅଧିକାଂଶ ଆରପାରିରେ। ୨୦ ବର୍ଷରୁ ଅଧିକ ହେବ ପୂଜା ମଣ୍ଡପରେ ଚଣ୍ଡୀ ପାଠ, ଭଜନ ଓ ଜଣାଣ ବ୍ୟତୀତ ସିନେମା ବା ଲଘୁ ସଙ୍ଗୀତ ମାଇକ୍‌ରେ ବାଜିନାହିଁ। ୨୦୦୮ରେ ୬୦ବର୍ଷ ପୂର୍ତ୍ତି ଅବସରରେ ପ୍ରତିମାମାନଙ୍କର ଚାନ୍ଦି ମୁକୁଟ ଲାଗି ହୋଇଥିଲା। ସାର୍ବଜନୀନ ପୂଜା କମିଟି ଭାବେ ପ୍ରଥମ ପତ୍ରିକା 'ମୃଣ୍ମୟୀ' ପ୍ରକାଶ ପାଇଥିଲା। ଏହି ପତ୍ରିକା ବେଶ୍ ଆଦୃତ ହୋଇପାରିଥିଲା ବୋଲି କମିଟିର କର୍ମକର୍ତ୍ତା ନିଖିଳେଶ ଘୋଷ କହିଛନ୍ତି।

# ଲଉଡ଼ି ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ଯାଦବ ପଡ଼ିଆ



ନନ୍ଦୋତ୍ସବ ଅବସରରେ ବାହାରିଥିବା ଲଉଡ଼ି ଶୋଭାଯାତ୍ରା।

### ଜିଲାସ୍ତରୀୟ ନନ୍ଦ ଉତ୍ସବ

ବାସୁଦେବପୁର, ୨୭।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ବାଲିନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ସଂଲଗ୍ନ ଯାଦବ ପଡ଼ିଆରେ ଜିଲା ଯାଦବ ମହାସଭା ପକ୍ଷରୁ ଜିଲାସ୍ତରୀୟ ନନ୍ଦ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଲଉଡ଼ି ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯାଦବ ପଡ଼ିଆ କମ୍ପି ଉଠିଥିଲା। ବାସୁଦେବପୁର ଯାଦବ ମହାସଂଘ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ଏବି ହାଇସ୍କୁଲ ଛକଠାରୁ ଜିଲାର ସମସ୍ତ ବ୍ଲକରୁ ଆସିଥିବା ଯାଦବ ଓ ସ୍ଥାନୀୟ ଅଞ୍ଚଳର ଯାଦବ ସମ୍ପ୍ରଦାୟର ଲୋକେ ଲଉଡ଼ି ଶୋଭାଯାତ୍ରାରେ ସହର ପରିକ୍ରମା କରି ଏହି ପଡ଼ିଆରେ ପହଞ୍ଚିଥିଲେ। ପରେ ଅତିଥିମାନେ ରାଧାକୃଷ୍ଣ ଓ ନନ୍ଦ ଯଶୋଦାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ମହାସଚିବ ପ୍ରଫୁଲ୍ଲ କୁମାର ଦାସ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ।

ଅନ୍ୟତମ ଅତିଥି ଭାବେ ଯାଦବ ସଂଘର ତିହିଡ଼ି ବ୍ଲକ ସଭାପତି ହରିଶ ଚନ୍ଦ୍ର ବାରିକ, ଚାନ୍ଦବାଲି ବ୍ଲକ ସଭାପତି ନିର୍ମଳ ତାଡୁ, ଧାମନଗର ବ୍ଲକର ସୁବାସ ଚନ୍ଦ୍ର ବାରିକ, ଭଣ୍ଡାରିପୋଖରୀର ଧ୍ରୁବଚରଣ ବାରିକ, ବନ୍ତର ପଦ୍ମନାଭ ଦାସ, ଭଦ୍ରକ ଚାରିମହଲାରୁ ଭାଗୀରଥି ବାରିକ, ବାସୁଦେବପୁର ଯାଦବ ମହାସଂଘର ପୂର୍ବତନ ସଭାପତି ନାରାୟଣ ନାୟକ, ସାଂସ୍କୃତିକ ସମ୍ପାଦକ ଉତ୍ତମ ବାରିକ, ରତିକାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବାସୁଦେବପୁର ଯାଦବ ମହାସଂଘର ସଭାପତି ବନମାଳି ବାରିକ ସଭାପତିତ୍ୱ ଓ ସମ୍ପାଦକ ଭାଗୀରଥି ପଲେଇ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଗୋପାଳ ମହାକୁଡ଼। ବିଭିନ୍ନ ବ୍ଲକ ଓ ବାସୁଦେବପୁର ଅଞ୍ଚଳର ୧୯ଜଣ ଗୋପାଳ ସମ୍ପ୍ରଦାୟର ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ବ୍ଲକରୁ ଆସିଥିବା ୩ଶହରୁ ଉର୍ଦ୍ଧ୍ୱ ଗୋପାଳ ବ୍ୟକ୍ତିଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ନନ୍ଦ ଉତ୍ସବରେ ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଆମ୍ବୁଲାନ୍ସର ଶୁଭାରମ୍ଭ କରାଯାଇଛି। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କୃଷ୍ଣ ଉପରେ ଆଧାରିତ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ପୋଷ୍ୟ କନ୍ୟା ହେଲେ ଅନାଥ ସୁଭଦ୍ରା

ପାଟଣା,୨୭।୮(ସ୍ୱ. ପ୍ର.)

ପାଳିତ ମା'ବାପାଙ୍କର ମୃତ୍ୟୁ ପରେ ବେସାହାରା ହୋଇପଡିଥିବା କେନ୍ଦୁଝର ଜିଲା ପାଟଣା ବ୍ଲକ ମଲ୍ଲୀପଶି ଗ୍ରାମର ୧୭ ବର୍ଷର କିଶୋରୀ ସୁଭଦ୍ରା ନାଏକ ଉଚ୍ଚ ଶିକ୍ଷା ପାଇଁ ଗତ ବୁଧବାର ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଜିଲାରେ ଚର୍ଚ୍ଚାର ପରିସରକୁ ଆସିଥିଲେ। ଏନେଇ ଧରିତ୍ରୀରେ ଉଚ୍ଚ ଶିକ୍ଷାକୁ ସମ୍ବଳ ନାହିଁ ବୋଲି ଏକ ଖବର ଶୁକ୍ରବାର ପ୍ରକାଶିତ ହେବା ପରେ ଧୀରେ ଧୀରେ ସୁଭଦ୍ରାଙ୍କୁ ଗୋଟିଏ ପରେ ଗୋଟିଏ ସମସ୍ୟା ସମାଧାନ ପାଇଁ ବିଭିନ୍ନ ମହଲରୁ ଉଦ୍ୟମ ଆରମ୍ଭ ହୋଇଛି। ଘୁରୁମୁଣ୍ଡା ଏସ୍‌ଡିଓ ଚିରଞ୍ଜିତ ସାହୁଙ୍କ ଉପସ୍ଥିତିରେ ବିଦ୍ୟୁତ୍ ସଂଯୋଗ ହୋଇଛି। ଜୟଦୁର୍ଗା ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ଡ.ସୁରେଶ୍ୱରୀ ସାଗରିକା ଜେନାଙ୍କ ନେତୃତ୍ୱରେ କର୍ମକର୍ତ୍ତା ଉମାକାନ୍ତ ରାଉତ, ଅର୍ଜୁନ ଖଣ୍ଡା, ଶ୍ରୀଲେଖା ଜେନା, ଅନ୍ନପୂର୍ଣ୍ଣା ସାହୁ, କିଶୋର କୁମାର ସିଂ ପ୍ରମୁଖ ପହଞ୍ଚି ସୁଭଦ୍ରାଙ୍କ ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ସୂଚନା ଦେଇଛନ୍ତି। ଜୟ ଦୁର୍ଗା ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ସୁରେଶ୍ୱରୀ ସାଗରିକା ଜେନା ସୁଭଦ୍ରାଙ୍କୁ ପୋଷ୍ୟକନ୍ୟାଭାବେ ଗ୍ରହଣ କରିବା ସହ ଆଜି ଠାରୁ ତାଙ୍କ ଯାବତୀୟ ଉଚ୍ଚଶିକ୍ଷା ଖର୍ଚ୍ଚ , ଆଡ଼ମିଶନ ସହ ବିବାହ ଓ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ସୂଚନା ଦେଇଛନ୍ତି।

## ନୟନଯୋରିରୁ ବିଭିନ୍ନ ସାମଗ୍ରୀ ଉଦ୍ଧାରକୁ ନେଇ ଚର୍ଚ୍ଚା

ସିମୁଳିଆ, ୨୭।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଠାରୁ ୧କି.ମି. ଦୂର ମାର୍କୋଣା-ବରି ରାସ୍ତାର ନୟାପଲି ନିକଟରେ ଥିବା ନୟନଯୋରୀରୁ ଗୋଟାଏ ଅକ୍ସିଜେନ ସିଲିଣ୍ଡର, ଏକ ଛୋଟ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଓ ରାସ୍ତା ଉପରେ ପଡ଼ିଥିବା ପଶ୍ଚିମବଙ୍ଗର ଏକ ଗାଡ଼ିର ନମ୍ବର ପ୍ଲେଟ (ଡବ୍ଲ୍ୟୁ ବି ୦୨ ଏକେ ୩୬୮୬), ବ୍ୟାଗ୍, ଲୁଗା ଓ ଲୁହାରଡକୁ ଉଦ୍ଧାର କରି ପୋଲିସ ତଦନ୍ତ ଚଳାଇଛି । ଶନିବାର ସକାଳେ ଏହି ସାମଗ୍ରୀକୁ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ । ତେବେ ବ୍ୟାଙ୍କ, ଏଟିଏମ୍ କିମ୍ବା କୌଣସି ବ୍ୟକ୍ତିଙ୍କ ଗୃହ ଲୁଟ୍ ପାଇଁ ଦୁର୍ବୃତ୍ତମାନେ ଯୋଜନା କରୁଥାଇପାରନ୍ତି ବୋଲି ଚର୍ଚ୍ଚାର ବିଷୟ ହୋଇଛି ।

# ସ୍ୱାସ୍ଥ୍ୟ ଶିବିରକୁ ନେଇ ବିବାଦ

ଖଇରା, ୨୭।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ସ୍କୁଲରେ ଅୟୋଜନ ହେବାକୁ ଥିବା ମାଗଣା ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ଚିକିତ୍ସା ଶିବିରକୁ ନେଇ ଏବେ ଏକ ସଙ୍ଗଠନ ସଦସ୍ୟ ଏବଂ ଅନ୍ୟ ଏକ ଗୋଷ୍ଠୀର କର୍ମୀଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଛି। ଖଇରା ଓ ସିମୁଳିଆ ବ୍ଲକର ବିଭିନ୍ନ ସ୍ଥାନରେ ସାମାଜିକ କାର୍ଯ୍ୟକ୍ରମ କରି ଜନାଦୃତ ଲାଭ କରିଥିବା ଆୟୁଷ୍ମାନ ସଙ୍ଗଠନ ପକ୍ଷରୁ ସାରୁଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଗଷ୍ଟ ୨୮ତାରିଖରେ ଏକ ମାଗଣା ସ୍ୱାସ୍ଥ୍ୟ, ଚିକିତ୍ସା ଓ ରକ୍ତଦାନ ଶିବିର ଆୟୋଜନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ସରପଞ୍ଚଙ୍କଠାରୁ ଅନୁମତି ନିଆଯାଇଥିଲା। ହେଲେ ଧାର୍ଯ୍ୟ ଦିବସର ଗୋଟିଏ ଦିନ ପୂର୍ବରୁ ଏକ ଗୋଷ୍ଠୀର କିଛି ସଦସ୍ୟ ଶନିବାର ପହଞ୍ଚି ବିଦ୍ୟାଳୟରେ ରବିବାର ଅନ୍ୟ ଏକ ବୈଠକ ଥିବାରୁ ଶିବିର ବନ୍ଦ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଇଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ଓ ବିବାଦ ଦେଖାଦେଇଛି। ଦିନତମାମ ୨ଗୋଷ୍ଠୀର ୫୦ରୁ ଉର୍ଦ୍ଧ୍ୱ ଯୁବକ ବିଦ୍ୟାଳୟ ସମ୍ମୁଖରେ ଜଗି ରହିଥିବା ବେଳେ ଉତ୍ତେଜନା ଦେଖାଦେଇଛି । ଶିବିରରେ ସାଧାରଣ ଲୋକ ଉପକୃତ ହେବାକୁ ଥିବାରୁ ଏହା କିଭଳି ବିବାଦରୁ ଦୂରେଇ ଆୟୋଜିତ ହୋଇପାରିବ ଏଥିଲାଗି ସାରୁଗାଁ ସମେତ ଆଖପାଖ ଗ୍ରାମର ବାସିନ୍ଦା ଦାବି କରିଛନ୍ତି ।

## ଏସିଆ ବଡି ବିଲଡିଂ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା



ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବାଲେଶ୍ୱର ଅଫିସ, ୨୭।୮

ବାଲେଶ୍ୱର ସହର ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏସିଆ ବଡି ବିଲଡିଂ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ପାଇଥିବା ତରୁଣ କୁମାର ଚାଟାର୍ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂଘ ସଭାପତି ହରେକୃଷ୍ଣ ପାତ୍ର ସଭାପତିତ୍ୱ କରି ତରୁଣ ଜଣେ ଏସ୍‌ବିଆଇର ଅବସରପ୍ରାପ୍ତ କର୍ମଚାରୀ। ସେ ଯେତିକି ନିଷ୍ଠାପର, ସେତିକି ସଚେତନ ଥିଲେ। ଏଥିପାଇଁ ସେ ବ୍ୟାଙ୍କର ନାମକୁ ଉଚ୍ଚା କରିବା ସହ ଜିଲା, ରାଜ୍ୟର ନାମକୁ ଗୌରବାନ୍ୱିତ କରିଛନ୍ତି ବୋଲି କହିଥିଲେ। ସଭାରେ ସଂଘ ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ହେମନ୍ତ କୁମାର ବେହେରା, ବାଲେଶ୍ୱର ଶାଖା କର୍ମଚାରୀ ସଂଘର ସମ୍ପାଦକ ତଥା ଜୋନାଲ୍ ସେକ୍ରେଟାରୀ ମାନସ କୁମାର ମହାପାତ୍ର ପ୍ରମୁଖ ସଂଘର ୫୦ରୁ ଉର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ରହି ତରୁଣଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ତରୁଣ ଗତ ଜୁଲାଇ ୯ତାରିଖରେ ଏସିଆ ମହାଦେଶର ମାଲଡିଭ୍‌ସଠାରେ ଏସିଆ ବଡ଼ି ବିଲଡିଂ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ଭାରତ ପକ୍ଷରୁ ସ୍ୱର୍ଣ୍ଣପଦକ ଲାଭ କରିଥିବାରୁ ତାଙ୍କୁ ଉଚ୍ଚପ୍ରଶଂସା କରାଯାଇଥିଲା। ଏହା ପୂର୍ବରୁ ଚାଟାର୍ଜୀ 'ଓଡ଼ିଶା କୁମାର', 'ଓଡ଼ିଶା ଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଆସନ୍ତା ଡିସେମ୍ବର ୯ରେ ଥାଇଲାଣ୍ଡରେ ହେବାକୁ ଥିବା ବିଶ୍ୱ ବଡି ବିଲ୍ଡିଂ ଚାମ୍ପିୟନସିପ୍ ପ୍ରତିଯୋଗିତାରେ ସେ ଭାରତ ତରଫରୁ ପ୍ରତିନିଧିତ୍ୱ କରୁଥିବାରୁ ସଭା ତରଫରୁ ତାଙ୍କର ସଫଳତା କାମନା କରାଯାଇଥିଲା।

## ବିଭାଗସ୍ତରୀୟ ସମ୍ମିଳନୀ

ଚମ୍ପୁଆ, ୨୭।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଦୁଇ ଦିନିଆ ବିଭାଗ ସ୍ତରୀୟ ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍ତର ସମ୍ଭାଗର ସଭାପତି ରିତ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମେଧାବୃତ୍ତୀ ଓ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ଶ୍ରେଷ୍ଠ ବିବେଚିତ ତଥା ବନବାସୀ ସେବା ପ୍ରକଳ୍ପ (ଗୋନାସିକା)ର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ୩୩ ଜଣ ସମ୍ପାଦକ ଓ ୬୦ଜଣ ପ୍ରଧାନ ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ଭୋଳାନାଥ ମିଶ୍ର, ଉତ୍ତର ସମ୍ଭାଗ ପ୍ରହାରୀ ନରେନ୍ଦ୍ର କୁମାର ରାଉଳ, ସଂଯୋଜକ ବିଶ୍ୱମ୍ଭର ଦ୍ୱାରୀ, କ୍ଷେତ୍ରମୋହନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେଡିର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖୁଣ୍ଟା, ୨୭।୮ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକର ବିଜେଡି ପକ୍ଷରୁ ବିଭିନ୍ନ ପଦପଦବୀ ନିମନ୍ତେ ମନୋନୀତ କର୍ମକର୍ତ୍ତାମାନଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାସିପିଠା ଶିବ ମନ୍ଦିରରେ ବ୍ଲକ ଅଧକ୍ଷ ସୁଧନ୍ୟା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗୋଲକ ବିହାରୀ ନାଏକ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ଦଳ ପକ୍ଷରୁ ଚୟନ ହୋଇଥିବା ଖୁଣ୍ଟା ବ୍ଲକର ସଭାପତି ଶିଦ୍ଧନାଥ ସରେନ, ବାରିପଦା ନିର୍ବାଚନମଣ୍ଡଳୀର ସାଧାରଣ ସମ୍ପାଦକ ଅନିଲ ପୃଷ୍ଟି ଓ ଉପସଭାପତି କୃଷ୍ଣ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା। ଲୋକଙ୍କ ନିକଟତର ହୋଇ ସେମାନଙ୍କ ସୁଖଦୁଃଖର ସାଥୀ ଭାବେ ନିଜକୁ ପ୍ରତିପାଦିତ କରିବା ପାଇଁ ଅତିଥିମାନେ ସେମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ବହୁସଂଖ୍ୟକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ଦିଆଯାଉଛି ଖାଦ୍ୟ

■ଅଭିଯୋଗ ସତ୍ତ୍ୱେ ନିଆଯାଉନି କାର୍ଯ୍ୟାନୁଷ୍ଠାନ

■ଜଳଜନିତ ରୋଗରେ ସଂକ୍ରମିତ ବହୁ ଲୋକ

ଯୋଡ଼ା, ୨୭।୮(ଡି.ଏନ.ଏ.)

ରାଜ୍ୟରେ ଅହେତୁକ ଲଗାଣ ବର୍ଷା ପରେ ବିଭିନ୍ନ ଜିଲା, ବିଭିନ୍ନ ଅଞ୍ଚଳ ଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିସ୍ଥିତି ନ ଉପୁଜିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସଚେତନତା ବାର୍ତ୍ତା ଦିଆଯାଉଥିବା ବେଳେ ଯୋଡ଼ାରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସହରରେ ଥିବା ଠେଲା ଓ ହୋଟେଲ ଗୁଡ଼ିକରେ ଅସାସ୍ଥ୍ୟକର ରନ୍ଧାଖାଦ୍ୟ ଗ୍ରାହକଙ୍କୁ ପରଷା ଯାଉଛି। ଖାଲି ଜଳଖିଆରେ ଯେ ଏମିତି ହେଉଛି ସେଇଆ ନୁହଁ, ହୋଟେଲ ଗୁଡ଼ିକରେ ମଧ୍ୟ ଅପରିଷ୍କାର ପାଣି ବ୍ୟବହାର କରାଯାଉଛି। ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଲୋକେ ଜଳଜନିତ ରୋଗ ଯଥା ଗ୍ୟାସ, ଏସିଡିଟି, ଜଣ୍ଡିସ, ଡାଇରିଆ, ଟାଇଫଏଡ ପ୍ରଭୃତି ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି।

ଜଣେ ଡାକ୍ତର କହିଛନ୍ତି, ଯୋଡ଼ା ତଥା ଆଖପାଖ ଅଞ୍ଚଳର ମାତ୍ରାଧିକ ଲୋକ ଜଳ ଜନିତ ରୋଗରେ ସଂକ୍ରମିତ ହେଉଛନ୍ତି। ବରିଷ୍ଠ ନାଗରିକ ସୋମନାଥ ମହାନ୍ତି, ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଈଶ୍ୱର ଆପଟ, ଯୋଡ଼ାବାସୀ ରାଜେଶ ପାତ୍ର, ଚନ୍ଦ୍ର ବାହାଦୁର ଥାପା, ମହିଳା ତାରା କାରୁଆ ପ୍ରମୁଖ ଅଭିଯୋଗ କରିଛନ୍ତି। ଯୋଡ଼ାକୁ ପ୍ରାୟତଃ ବାହାର ଅଞ୍ଚଳର ଲୋକଙ୍କ ଯିବା ଆସିବା ଅଧିକ। ତେଣୁ ଖାଦ୍ୟ ପାଇଁ ଅନେକ ହୋଟେଲ ଉପରେ ନିର୍ଭର କରନ୍ତି। ତେଲ ଭାଜି ଖାଦ୍ୟରେ ବହୁ ଥର ବ୍ୟବହାର କରାଯାଉଥିବା ତେଲରେ ବାସୀ ଆଳୁ, ନିମ୍ନମାନର ବେସନ ଓ ମଇଦାରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଏତଦ୍‌ବ୍ୟତୀତ ଅପମିଶ୍ରିତ ଛେନା, ଖୁଆ,ପ୍ରଭୃତିରେ ମିଷ୍ଟାନ୍ନ ପ୍ରସ୍ତୁତ କରାଯାଉଛି ବୋଲି ସେମାନେ ଅଭିଯୋଗରେ କହିଛନ୍ତି। ଜିଲା ପ୍ରଶାସନ ତଥା ପୌରପାଳିକା ପକ୍ଷରୁ କୌଣସି ଅଙ୍କୁଶ ଲଗାଯାଉ ନାହିଁ। ନାଳନର୍ଦ୍ଦମା ଉପରେ ଠେଲା ଓ ହୋଟେଲ ଖୋଲିଖୋଲା ଭାବେ ଅପରିଷ୍କାର ଖାଦ୍ୟ ବିକ୍ରି ହେଉଛି। ଜିଲା ଖାଦ୍ୟ ନିରୀକ୍ଷକ ଏ ଦିଗରେ କୌଣସି ପଦକ୍ଷପ ନେଉ ନ ଥିବା ବରିଷ୍ଠ ନାଗରିକ ମହାନ୍ତି କହିଛନ୍ତି। ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ବର୍ଷା ପରେ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏପରି ସ୍ଥିତିରେ ସହରରେ ହଇଜା ହେବାର ଆଶଙ୍କା ମଧ୍ୟ କରାଗଲାଣି। ଏ ନେଇ ସେ ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏବଂ ଅଞ୍ଚଳରେ ଥିବା ହୋଟେଲ ମାଲିକ ମାନଙ୍କୁ ସଚେତନ କରୁଛନ୍ତି । ଏସମ୍ପର୍କରେ ଯୋଡ଼ା ନଗରପାଳ ଜଗଦୀଶ ପ୍ରସାଦ ସାହୁ କହିଛନ୍ତି, ସହରରେ ଥିବା ସମସ୍ତ ହୋଟେଲ ଗୁଡିକରେ ଜିଲା ଖାଦ୍ୟ ନିରୀକ୍ଷକଙ୍କୁ ଡକାଇ ଖାଦ୍ୟର ମାନ ଯାଞ୍ଚ କରାଇବେ।

# ନାରୀ ସ୍ୱାଧୀନତା ପାଇଁ ଲଢ଼େଇ ଜାରି ରଖିବାକୁ ଆହ୍ୱାନ




ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ବାଲେଶ୍ୱର ଅଫିସ, ୨୭।୮

ବାଲେଶ୍ୱର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡସ୍ଥିତ ମାହେଶ୍ୱରୀ ଭବନ ସମ୍ମିଳନୀ କକ୍ଷରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି (ଏଆଇଡ଼ିଡବ୍ଲ୍ୟୁଏ)ର ୧୩ତମ ରାଜ୍ୟ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଛି। ସମିତି ପକ୍ଷରୁ ଏକ ବିଶାଳ ମହିଳା ଶୋଭାଯାତ୍ରା ମାହେଶ୍ୱରୀ ଭବନଠାରୁ ବାହାରି ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସହର ପରିକ୍ରମା କରି ସଚେତନ କରାଯାଇଥିଲା। ଶୋଭାଯାତ୍ରା ମାହେଶ୍ୱରୀ ଭବନରେ ପହଞ୍ଚିବା ପରେ ସଙ୍ଗଠନର ପତାକା ଉତ୍ତୋଳନ କରାଯାଇଥିଲା।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମର ସମ୍ମିଳନୀ କକ୍ଷକୁ କୁନ୍ତଳା କୁମାରୀ ସାବତ ନଗର ଏବଂ ମଞ୍ଚକୁ ପରୀବେଷ୍ଟା ମଞ୍ଚ ନାମରେ ନାମିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସଭାନେତ୍ରୀ ସୁରଜିତା ନାୟକ ସଭାପତିତ୍ୱ କରିଥିବା ବେଳେ ଉପସଭାନେତ୍ରୀ ଚାରୁବାଳା ଦାସ ମଞ୍ଚ ପରିଚାଳନା କରିଥିଲେ। ଅଭ୍ୟର୍ଥନା ସମିତି ଅଧକ୍ଷ ପ୍ରାଧାପିକା ବିନିତା ପଣ୍ଡା ସ୍ୱାଗତ ବକ୍ତବ୍ୟ ରଖି ବାଲେଶ୍ୱର ଜିଲାର ସାହିତ୍ୟ, ସଂସ୍କୃତି ଓ ଗଣତାନ୍ତ୍ରିକ ଆନ୍ଦୋଳନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଙ୍ଗଠନର ସର୍ବଭାରତୀୟ ସଭାନେତ୍ରୀ ଡ. ମାଳିନୀ ଭଟ୍ଟାଚାର୍ଯ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଆଜିର ପରିସ୍ଥିତିକୁ ସାମ୍ନା କରିବାକୁ ହେଲେ ମହିଳାମାନଙ୍କୁ ଆଗକୁ ଆସିବାକୁ ହେବ। ଏହି ସଙ୍ଗଠନ ୧୯୮୧ରେ ଜନ୍ମ ନେଇଥିଲେ ମଧ୍ୟ ସ୍ୱାଧୀନତା ପୂର୍ବ ଓ ପରେ ବେଶ ଉଲ୍ଲେଖନୀୟ। ଆଜି ବି ନାରୀର ସମାନତା, ସ୍ୱାଧୀନତା, ଗଣତାନ୍ତ୍ରିକ ଅଧିକାର ପାଇଁ ଲଢ଼େଇ ଜାରି ରହିଛି। ରାଜ୍ୟରେ ପ୍ରଥମ ଗଣତାନ୍ତ୍ରିକ ମହିଳା ସମିତିର ଆବାହିକା ଇନ୍ଦୁମତି ନନ୍ଦୀ, ମାଇକ୍ରୋ ଫାଇନାନ୍ସ ବିରୋଧରେ ସଂଗ୍ରାମ କରିଥିବା ସଂଯୁକ୍ତା ସେଠୀ, ମଦ ବିରୋଧରେ ଆନ୍ଦୋଳନ ନେତ୍ରୀ କାଞ୍ଚନ ସାହୁ ଏବଂ କରୋନା ସମୟରେ ଲୋକଙ୍କୁ ମାଗଣା ଖାଇବାକୁ ଦେଇଥିବା ଶାନ୍ତି ମୁର୍ମୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସଙ୍ଗଠନର ସର୍ବଭାରତୀୟ ଅନ୍ୟତମ ସମ୍ପାଦିକା ତାପସୀ ପ୍ରହରାଜ, ଉତ୍କଳ ମହିଳା ସମିତି ନେତ୍ରୀ ବନଲତା ଜେନା, ଅଭ୍ୟର୍ଥନା ସମିତି ସମ୍ପାଦିକା ହରିପ୍ରିୟା ଜେନା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ମହିଳା ଶକ୍ତିକୁ ସଙ୍ଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ।

